| PART – I |
|---|
| OD-ODIA |
| ପ୍ରଥମ ଭାଷା ଓଡ଼ିଆ |

1745480

ସମୟ : **1** ଘଣ୍ଟା

ପୂର୍ଣ୍ଣ ସଂଖ୍ୟା : **50**

## ନିର୍ଦ୍ଦେଶାବଳୀ

୧. ଏଥିରେ **50** ଟି ବିକଳ୍ପ ଉତ୍ତରମୂଳକ ପ୍ରଶ୍ନ ଦିଆଯାଇଛି । **ସମସ୍ତ** ପ୍ରଶ୍ନର ଉତ୍ତର ଦେବା ବାଧ୍ୟତାମୂଳକ ଅଟେ । ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ **ସମାନ** ।

୨. ପ୍ରତ୍ୟେକ ପ୍ରଶ୍ନପାଇଁ ଚାରିଗୋଟି ବିକଳ୍ପ ଉତ୍ତର ଦିଆଯାଇଛି । ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି ଉତ୍ତର ଫର୍ଦ୍ଦରେ ଥିବା ଗୋଲାକାର ଅଂଶକୁ କଳା/ନୀଳ ବଲ ପଏଣ୍ଟ ପେନ୍‌ରେ ସମ୍ପୂର୍ଣ୍ଣ ଭାବେ କଳା/ନୀଳ କର । ଆଂଶିକ/ଏକାଧିକ କଳା/ନୀଳ କରାଯାଇଥିଲେ ତାହାର ମୂଲ୍ୟାୟନ ହୋଇପାରିବ ନାହିଁ।

---

1. 'ବେଲ, ଅଶ୍ୱତ୍ଥ ଓ ବଟବୃକ୍ଷ' ଗଳ୍ପର ଆରମ୍ଭରେ କେଉଁ ଗ୍ରନ୍ଥର ଉଦ୍ଧୃତି ନିଆଯାଇଛି ?

   (A) ରାମାୟଣ (B) ମହାଭାରତ (C) ହରିବଂଶ (D) ଭାଗବତ

2. ବୁଦ୍ଧ ଓ ମହାବୀର ଜୀନ କେଉଁ ବୃକ୍ଷତଳେ ସିଦ୍ଧି ପାଇଥିଲେ ?

   (A) ବେଲ (B) ଅଶ୍ୱତ୍ଥ (C) ବଟବୃକ୍ଷ (D) କଳ୍ପବୃକ୍ଷ

3. କିଏ କଲମଟି ବିକ୍ରି କରି ଦେଇଥିବା କଥା ଘଟିତ ଏକାଙ୍କିକାରେ କୁହାଯାଇଛି ?

   (A) ସୁବ୍ରତ (B) ପ୍ରୀତି (C) ପୂରବୀ (D) ବେବି

4. ମହାପାତ୍ର କାହା ଉଦ୍ଦେଶ୍ୟରେ କହିଲେ ଯେ, ''ଭାରି କ୍ଷଣ ରାଗି, ଠିକ୍ ତା' ବୋଉ ପରି ।'' ?

   (A) ପ୍ରୀତି (B) ବେବି (C) ପୂରବୀ (D) ମହାପାତ୍ର ବାବୁଙ୍କ ସ୍ତ୍ରୀ

5. 'ଚିହ୍ନିବେନି ! ନିଶ୍ଚେ ଚିହ୍ନିବେ । ରକ୍ତ କ'ଣ ରକ୍ତକୁ ଟାଣିବନି !' – ଏହା କାହାର ଉକ୍ତି ?

   (A) ଧରମା (B) ଶିବେଇ (C) ଧରମାର ମା' (D) ଶିଳ୍ପୀ

6. କେଉଁଟି ଲକ୍ଷ୍ମୀକାନ୍ତଙ୍କ ରଚନା ?

(A) କଟକ ମନ୍ଦ୍ରହାସ ଚମ୍ପୂ (B) କଟକ ଚନ୍ଦ୍ରହାସୀ ଚମ୍ପୂ

(C) କଟକ ଚନ୍ଦ୍ରହାସ ଚମ୍ପୂ (D) ଚନ୍ଦ୍ରାନନ୍ଦ ଚମ୍ପୂ

7. ଜାତବିଜାତ ସତ୍ତ୍ୱେ ପଲ୍ଲୀଗ୍ରାମର ନରନାରୀଙ୍କ ଭିତରେ ଜାତି-ଧର୍ମ ନିର୍ବିଶେଷରେ କ'ଣ ଥାଏ ?

(A) ଅର୍ଥ ଦିଆନିଆ (B) ପୋଷାକ ଅଦଳବଦଳ

(C) ନୈତିକତା ଓ ସ୍ନେହ (D) ଏକ ପରିବାରତ୍ୱ

8. ମନୁଷ୍ୟକୁ ସବୁବେଳେ ଯୁକ୍ତିବାଦୀ ଜୀବ ବୋଲି କହିବା ଠିକ୍ ନୁହେଁ । - ଏଥିପାଇଁ ପ୍ରାବନ୍ଧିକ କେଉଁ କାରଣ ଦର୍ଶାଇଛନ୍ତି ?

(A) ସେ ବହୁ ପରିମାଣରେ ଗତାନୁଗତିକତାର ଦାସ

(B) ସେ ଚାଲିବା ଅପେକ୍ଷା ଦୌଡ଼ିବାରେ ବିଶ୍ୱାସ କରେ

(C) ସେ ପରମ୍ପରା ଓ ପର୍ବପର୍ବାଣି ପାଳନ କରେ

(D) ସେ ଗାଁରେ ସବୁ ମିଳୁଥିବାବେଳେ ସହରକୁ ପଳାଏ

9. 'ସଭ୍ୟତା ଓ ବିଜ୍ଞାନ' ପ୍ରବନ୍ଧଟି କେଉଁ ପତ୍ରିକାରେ ପ୍ରକାଶ ପାଇଥିଲା ?

(A) ଉତ୍କଳ ସାହିତ୍ୟ (B) ଉତ୍କଳ ଦର୍ପଣ (C) ସାହିତ୍ୟ ଚର୍ଚ୍ଚା (D) ମୁକୁର

10. ପ୍ରାବନ୍ଧିକଙ୍କ ମତରେ ଜଡ଼ ବିଜ୍ଞାନ କେତେ ଭାଗରେ ବିଭକ୍ତ ?

(A) ଦୁଇ (B) ତିନି (C) ଚାରି (D) ପାଞ୍ଚ

11. 'ସାତ୍' ପ୍ରତ୍ୟୟ ଯୁକ୍ତ ହେଲେ କ'ଣ ହୁଏ ?

(A) 'ସ' ହୁଏ 'ଷ' (B) 'ସ' ହୁଏ ନାହିଁ 'ଷ'

(C) 'ସାତ୍' ହୁଏ 'ଷାତ୍' (D) 'ସ' ଓ 'ଷ' ଭେଦ ହିଁ ରହେ ନାହିଁ

12. କେଉଁଟି ଶୁଦ୍ଧ ଶବ୍ଦ ?

(A) ଜାଜ୍ଞସେନୀ (B) ଜାଜ୍ଞସିନୀ (C) ଯାଜ୍ଞସେନୀ (D) ଯାଜ୍ଞସିନୀ

13. ତଳ ଲିଖିତ ଶବ୍ଦରୁ କେଉଁଟି ଶୁଦ୍ଧରୂପ ?

(A) ଗୋଲୋକବିହାରି (B) ଗୋଲୋକବିହାରୀ

(C) ଗୋଲକବିହାରି (D) ଗୋଲକବିହାରୀ

14. ଚୋଖି ରାଗର ଛନ୍ଦ ସମ୍ପର୍କରେ କେଉଁ ବାକ୍ୟଟି ଠିକ୍ ନୁହେଁ ?

(A) ଚାରି ପାଦରେ ଗୋଟିଏ ପଦ ହୁଏ (B) ପ୍ରଥମ ଦୁଇ ପାଦରେ ଅଣତିରିଶ ଅକ୍ଷର ଥାଏ

(C) ତୃତୀୟ ପାଦରେ ନଅଟି ଅକ୍ଷର ଥାଏ (D) ଚତୁର୍ଥ ପାଦରେ ପନ୍ଦରଟି ଅକ୍ଷର ଥାଏ

15. ବରଜୀବ ରସେ ଦେଇ ମାନସ । ବରଜି ବରଷେ ଅମେଧ ଗ୍ରାସ । – ଏହା କେଉଁ ଅଳଙ୍କାରର ଦୃଷ୍ଟାନ୍ତ ?

(A) ଯମକ (B) ଅନୁପ୍ରାସ (C) ଉପମା (D) ଶ୍ଳେଷ

16. କେଉଁଠାରେ ଝରଣା ସୃଷ୍ଟି କରିବା କଥା କବି କରିଛନ୍ତି ?

(A) ପର୍ବତରେ (B) ମରଣ ଦୁଆରେ

(C) କ୍ରନ୍ଦନ ଶେଷରେ (D) ମରୁ ପଥରେ

17. କ'ଣ କରି ଭୁବନ ସାରା ହସାଇବା ପାଇଁ କୁହାଯାଇଛି ?

(A) ଅତୀତର ଜୀର୍ଣ୍ଣ ଜୀବନ ଚିରି (B) ତନ୍ଦ୍ରା–ପରଶ ଭିନ୍ନ କରି

(C) ପୀଡନ ଚୂର୍ଣ୍ଣ କରି (D) ଅହରହ ଯାତ୍ରା କରି

18. ମନ୍ଦ ସୁଖ ପାଇଁ ସର୍ବଂସହା ମାଟି କ'ଣ ଦେଇଛି ?

(A) ନଇ ସମୁଦ୍ରରେ ହସକଥା (B) ଅସରନ୍ତି ବୃକ୍ଷଲତା

(C) ଜଳଜୀବ (D) ସବୁଜ ଘାସର ଗାଲିଚା

19. ‘ଦୁଃଖ ଦଡ଼ମଡ଼ି ସହିବାକୁ ମତେ ....’ ପଦରେ ‘ଦଡ଼ମଡ଼ି’ର ଅର୍ଥ କ’ଣ ?

(A) କଠୋର (B) ଦରମଲା (C) ଜଞ୍ଜାଳ (D) ବୋଝ

20. ଅସହଯୋଗ ଆନ୍ଦୋଳନରେ କର୍ମୀଙ୍କ ତ୍ରୁଟି ବିଚ୍ୟୁତିକୁ ଲକ୍ଷ୍ୟକରି ଲକ୍ଷ୍ମୀକାନ୍ତଙ୍କ କେଉଁ ଲେଖା ପ୍ରକା ପାଇଥିଲା ?

(A) ଅସହଯୋଗୀ

(B) ଅସହଯୋଗୀର ନିଜକଥା

(C) ଅସହଯୋଗୀର ଆତ୍ମକଥନିକା

(D) ଅସହଯୋଗୀର ଆତ୍ମକଥା

21. ଫକୀରମୋହନଙ୍କ ପରି ଯେଉଁମାନେ ଓଡ଼ିଆ ଭାଷା ପାଇଁ ଚିନ୍ତା କରୁଥିଲେ ସେମାନଙ୍କୁ କ’ଣ କୁହାଯାଉଥିଲା ?

(A) ବିପ୍ଳବୀ (B) ନେତା (C) ରିଙ୍ଗ୍ ଲିଡର (D) ଡିମ୍ ମିଡର

22. କିଏ ନିଜର ମାତୃଭାଷା ବଙ୍ଗଳାରେ ଲେଖିବା ପାଇଁ ଓଡ଼ିଆରେ ଲେଖିବା ଛାଡ଼ି ଦେଇଥିଲେ ?

(A) ଅନ୍ନଦା ପ୍ରସାଦ ରକ୍ଷିତ

(B) ଗୌରୀଶଙ୍କର ରାୟ

(C) ଅନ୍ନଦା ଶଙ୍କର ରାୟ,

(D) ରାମଶଙ୍କର ରାୟ

23. ବିବେକାନନ୍ଦ ସନ୍ନ୍ୟାସ ଗ୍ରହଣ କରିବା ପରେ କେବେ ପ୍ରଥମେ ପରିଭ୍ରମଣରେ ବାହାରିଲେ ?

(A) ୧୮୮୪ (B) ୧୮୮୬ (C) ୧୮୮୭ (D) ୧୮୮୮

24. ମଣିଷକୁ ନ ବଦଳେଇ କ’ଣ ଭାଙ୍ଗିବା ସହଜ ନୁହେଁ ବୋଲି ପ୍ରାବନ୍ଧିକ ଉଲ୍ଲେଖ କରିଛନ୍ତି ?

(A) ପୁରୁଣା ପ୍ରତିଷ୍ଠା

(B) ପୁରୁଣା ମଠ-ମନ୍ଦିର

(C) ପୁରୁଣା ସମୟ

(D) ପୁରୁଣା ସମାଜ

25. କେଉଁ ପତ୍ରିକାର ପ୍ରକାଶନ ବର୍ଷ ତ୍ରୁଟିଯୁକ୍ତ ?

(A) ବାଲେଶ୍ୱର ସମ୍ବାଦ ବାହିକା – ୧୮୬୮
(B) ଉତ୍କଳ ସାହିତ୍ୟ – ୧୮୭୮
(C) ମୁକୁର – ୧୯୦୬
(D) ସତ୍ୟବାଦୀ – ୧୯୧୫

26. ଯାହାପରେ ଯେଉଁ ପଦ ରହିଲେ ବାକ୍ୟର ଭାବ ସ୍ପଷ୍ଟ ରୂପେ ପ୍ରକାଶ ପାଇବ – ସେହି ପଦ ବିନ୍ୟାସକୁ କ'ଣ କୁହାଯାଏ ?

(A) ଯୋଗ୍ୟତା (B) ଆକାଙ୍କ୍ଷା (C) ଆସତ୍ତି (D) ପୂର୍ଣ୍ଣ ବାକ୍ୟ

27. ସେ ଆସିଛନ୍ତି ଓ ଆମେ ସମସ୍ତେ ଖୁସି ଅଛୁ । – ଏହା କେଉଁ ଧରଣର ବାକ୍ୟ ?

(A) ସରଳ (B) ଜଟିଳ (C) ମିଶ୍ର (D) ଯୌଗିକ

28. ସତରେ ତମେ ଆସିଛ ! – ଏହା କେଉଁ ପ୍ରକାର ବାକ୍ୟ ?

(A) ଆଦେଶସୂଚକ (B) ନାସ୍ତିସୂଚକ (C) ବିବୃତିସୂଚକ (D) ବିସ୍ମୟସୂଚକ

29. ପବନର ପ୍ରତିକୂଳରେ ସାଇକେଲ ଚଳାଇବା କଷ୍ଟକର । – ବାକ୍ୟଟିର ସଂକ୍ଷେପଣ କାହା ଦ୍ୱାରା ହୋଇଛି ?

(A) ସମାସ (B) ସନ୍ଧି (C) ତଦ୍ଧିତ (D) ଉପସର୍ଗ

30. 'ଣତ୍ୱ' ବିଧି କ'ଣ ?

(A) 'ନ୍' ସ୍ଥାନରେ 'ଣ୍' ହେବା
(B) 'ଣ' ସ୍ଥାନରେ 'ନ' ହେବା
(C) ଦୂର ବ୍ୟବଧାନରେ 'କ' ବର୍ଗ 'ଣ' ହେବା
(D) ଋ, ର, ଶ୍ ପରେ 'ଣ' ହେବା

31. 'ବୁଦ୍‌ବୁଦ' ଶବ୍ଦର ଅର୍ଥ କ'ଣ ?

(A) ବର୍ଷା ଟୋପା
(B) ବନ୍ୟାପାଣିର ଫେଣ
(C) ପାଣି ଫୋଟକା
(D) ଦୁଇ ବୁନ୍ଦା ପାଣି

32. କାହା ଆଗମନରେ ଅବନୀ ନିଶ୍ଚଳ ହୋଇଗଲା ?

(A) ସନ୍ଧ୍ୟା (B) ଚକୋର ଧ୍ୱନି (C) ନିଶା (D) ଜ୍ୟୋତ୍ସ୍ନା

33. 'ଗଲାଣି ତ ଗଲା କଥାରେ ସଙ୍ଗାତ' — କେଉଁ କବି ଲେଖିଛନ୍ତି ?

(A) ରାଧାନାଥ ରାୟ (B) ରାଧାନାଥ ରଥ

(C) ମୃତ୍ୟୁଞ୍ଜୟ ରଥ (D) ବଳଦେବ ରଥ

34. କିଏ ମା' ସୀତାଙ୍କ ଶୁଭାଗମନକୁ ଅପେକ୍ଷା କରିଥିଲା ବୋଲି କୁହାଯାଇଛି ?

(A) ଅନୁକମ୍ପା (B) ଉଷା (C) ତମସା (D) ତାପସୀ

35. ଉଷାଙ୍କ ଚରଣ କ'ଣ ଆହରଣ କରେ ବୋଲି ବର୍ଣ୍ଣନା କରାଯାଇଛି ?

(A) ଶୀକର (B) ଜ୍ୟୋତି (C) ସମୀର (D) ସୁଗନ୍ଧ

36. 'ଶୀକର ସମୀର'ର ଅର୍ଥ କ'ଣ ?

(A) ବରଫ ଭଳି ଥଣ୍ଡା ପବନ (B) ଜଳକଣା ଧାରଣ କରିଥିବା ବାୟୁ

(C) ବାୟୁ ଓ ଉତ୍ତପ୍ତ ଜଳକଣା (D) ଜଳକଣା ଧାରଣ କରିଥିବା ମେଘ

37. ଉତ୍କଳ ମାତାଙ୍କ ଚକ୍ଷୁ କାହାର ପ୍ରଦର୍ଶନରେ ଉଦ୍ଭାସିତ ?

(A) ସୁଶୋଭିତ କ୍ଷେତ୍ର (B) ବନଭୂମି ଓ ଭୂଧରମାଳା

(C) ଯୋଗୀଋଷିଙ୍କ ଧ୍ୟାନ (D) ଜ୍ଞାନ ଓ ବିଜ୍ଞାନ

38. ଶିବଙ୍କ ଠାରୁ ସିଂଘନାଦ ମାଗିବା ପାଇଁ ପ୍ରଥମେ କିଏ କହିଲେ ?

(A) ଗୋବିନ୍ଦ (B) ଯୁଧିଷ୍ଠିର (C) ଜଗନ୍ନାଥ (D) ସହଦେବ

17454480

45. ଫୁଲଯୋଗୁଁ ଗଭା, ପଣ୍ଡିତଯୋଗୁଁ ସଭା – ବକ୍ତବ୍ୟଟି କେଉଁ ଅର୍ଥ ପ୍ରକାଶକ ?

(A) ଉଭୟ ଶୋଭାବର୍ଦ୍ଧକ
(B) ଉଭୟ ଅଧିକ ମୂଲ୍ୟଯୁକ୍ତ
(C) ଉଭୟ ନଗର ଅଞ୍ଚଳରେ ମିଳନ୍ତି
(D) ଉଭୟ ଆନନ୍ଦ ଦାୟକ

46. କେଉଁଟି ଗଙ୍ଗାଧରଙ୍କ ରଚନା ନୁହେଁ ?

(A) ଉତ୍କଳ ଲକ୍ଷ୍ମୀ (B) ବସନ୍ତ କୋକିଳ (C) ଅର୍ଘ୍ୟ ଥାଳୀ (D) ତପସ୍ୱିନୀ

47. ଗାଳ୍ପିକ 'କାଠ' ଗଳ୍ପରେ କ'ଣ ଦେଖାଇବାକୁ ଚାହିଁଛନ୍ତି ?

(A) ଶିକ୍ଷିତ ମଣିଷର ଶଠତା ଓ ସ୍ୱାର୍ଥପରତା
(B) ଶିକ୍ଷିତ ମଣିଷର ବୁଦ୍ଧି ଓ ଯୁକ୍ତି
(C) ବୁଦ୍ଧି ଓ ବଳର ପ୍ରତିଦ୍ୱନ୍ଦ୍ୱିତା
(D) ଟଙ୍କା ଓ କୁରାଢ଼ିର ଦ୍ୱନ୍ଦ୍ୱ

48. ଶେଷରେ କାଠ ଚିରିବା ପାଇଁ କେତେ ମୂଲ୍ୟ ଦେବାକୁ ସ୍ଥିର ହୋଇଥିଲା ?

(A) ଚାରିଟଙ୍କା
(B) ତିନିଟଙ୍କା ବାରଅଣା
(C) ତିନିଟଙ୍କା ଚାରିଅଣା
(D) ତିନିଟଙ୍କା

49. ରାଜେଶ୍ୱରୀ ଦେବୀ କେତେଜଣ ଯୋଦ୍ଧାଙ୍କୁ ନେଇ ସମ୍ମୁଖ ସମରକୁ ଯିବାପାଇଁ ପ୍ରସ୍ତାବ ଦେଲେ ?

(A) ୧୧ (B) ୧୨ (C) ୧୩ (D) ୧୪

50. 'ମୁଁ କଳିଙ୍ଗ ପ୍ରଜାଙ୍କ ପ୍ରଶଂସା ଶୁଣିବାକୁ ଏଠିକୁ ଡାକି ନାହିଁ ।' – ଏକଥା କିଏ କହିଲେ ?

(A) ଅଙ୍ଗଦ (B) ରାଜେଶ୍ୱରୀ (C) ଅଶୋକ (D) ମହାମନ୍ତ୍ରୀ

39. ଭୀମ କେଉଁ ଦୈତ୍ୟକୁ ମାରି ଶିବଙ୍କୁ ସହାୟତା କରିଥିଲେ ?

(A) ଅଶ୍ଳେଷ କୁମାର (B) ଅଶ୍ଳେଷଣ (C) ଅଶ୍ଳେଷା (D) ଅଶ୍ଳେସୂୟ

40. ରାବଣର ଦୁଇ ମନ୍ତ୍ରୀଙ୍କର ନାମ କ'ଣ ?

(A) ଶୁକ ଓ ସରଣୀ (B) ଶୋକ ଓ ସରଣ

(C) ଶୁକ ଓ ସାରଣ (D) ଶୁକ ଓ ଶୀରତ୍ରାଣ

41. ଉତ୍ପ୍ରେକ୍ଷା ଅଳଙ୍କାରରେ କ'ଣ ହୁଏ ?

(A) ପ୍ରକୃତ ବସ୍ତୁର ପ୍ରକୃତ ବସ୍ତୁରେ ତର୍କଣା (B) ପ୍ରକୃତ ବସ୍ତୁର ଅପ୍ରକୃତ ବସ୍ତୁରେ ତର୍କଣା

(C) ପ୍ରକୃତ ଓ ଅପ୍ରକୃତ ବସ୍ତୁରେ ସାନ–ବଡ଼ ଭେଦ (D) ପ୍ରକୃତ ଓ ଅପ୍ରକୃତ ବସ୍ତୁର ସଂଘର୍ଷ

42. ଓଡ଼ିଆ ଭାଷାରେ କେଉଁ ପ୍ରକାର ରୂଢ଼ି ଦେଖିବାକୁ ମିଳେ ନାହିଁ ?

(A) କ୍ରିୟାହୀନ (B) କ୍ରିୟାଯୁକ୍ତ (C) ତୁଳନାତ୍ମକ (D) ନୀରବ ଅର୍ଥ ପ୍ରକା

43. 'ଛୁଞ୍ଚିମାଛି ପରୀକ୍ଷା'ର ଅର୍ଥ କ'ଣ ?

(A) ଛୁଞ୍ଚିରେ ମାଛି ପରୀକ୍ଷା (B) ତନ୍ନ ତନ୍ନ ପରୀକ୍ଷା

(C) ସାମାନ୍ୟ ପରୀକ୍ଷା (D) ଶୀଘ୍ର ପରୀକ୍ଷା

44. 'ଓଟ ମୁହଁରେ ଜିରା'ର ଅର୍ଥ କ'ଣ ?

(A) ତେଙ୍ଗା ବ୍ୟକ୍ତିକୁ ଆଶା ମୁତାବକ ମିଳିବା (B) ଆଦୌ କିଛି ନ ମିଳିବା

(C) ଅଧିକ ଆଶାୟୀ ଅଧା ଜିନିଷ ପାଇବା (D) ଅଧିକ ଆଶାୟୀକୁ କମ୍ ମିଳିବା

1745480